# ଭାଗ୍ୟଲୀଳା ।

ରସୁଲକୁଣ୍ଡା

ବୋର୍ଡ଼ ହାଇସ୍କୁଲର ଚଣ୍ଡୀଷକ

ବାଲୁବଜାର,

କଟକ

୧୯୨୪

ମୂଲ୍ୟ ଦୁଇଅଣା ।

# ଉତ୍ସର୍ଗପତ୍ର ।

ଏହି

'ଭାଗ୍ୟଲତା'

ନାମକ ପୁସ୍ତକ ଖଣ୍ଡିକ

ଉତ୍କଳୀୟ କୋମଳମତି ବାଳକାଙ୍କ ହସ୍ତରେ

ଶ୍ରଦ୍ଧାରସହିତ ଅର୍ପଣ କଲି । ଏହାଦ୍ୱାରା

ସେମାନଙ୍କର ଉପକାର ସାଧିତ

ହେଲେ ଶ୍ରମ ସଫଳ

ଜ୍ଞାନ କରିବି ।

ପ୍ରଣେତା

# କୃତଜ୍ଞତା

ଘୁମୁସର ଅନ୍ତର୍ଗତ ଇଙ୍ଗିନାଠୀ ଗ୍ରାମର
ଧର୍ମ-ବୃଦ୍ଧ ସାହିତ୍ୟାନୁରାଗୀ
ଶ୍ରୀ କାଶୀନାଥ ସାବତ
ମହୋଦୟ
ସ୍ୱତଃ-ପ୍ରବୃତ୍ତ ହୋଇ
ଏ ପୁସ୍ତକ ମୁଦ୍ରଣ ନିମନ୍ତେ ସମ୍ପୂର୍ଣ୍ଣ-
ଅର୍ଥ ସାହାଯ୍ୟ କରିଥିବାରୁ
ତାଁହାଙ୍କ ନିକଟରେ
ଏପୁସ୍ତକ ପ୍ରଣେତା
ଚିର କୃତଜ୍ଞ
ରହିଲି ।

# ଅଭିମତ ।

ଭାଗ୍ୟଲତା—ଏହି ପଦ୍ୟ ପୁସ୍ତକଟି ମୁଁ ଅମୂଲାନ୍ତ ପଢ଼ି-ଅଛି । ଭାଷା ସରଳ, ଭାବ ସୁବୋଧ ଏବଂ ନୀତିବ୍ୟଞ୍ଜକ କଥୋପକଥନ ଛଳରେ ଏଥିରେ ବହୁ ଉପାଦେୟ ଉପଦେଶ-ଗୁଡ଼ିଏ ଦିଆ ଯାଇଅଛି । ପଦ୍ୟଗୁଡ଼ିକ ଚାରିଭାଗରେ ବିଭକ୍ତ—ନବବଧୂ କର୍ତ୍ତବ୍ୟ, ଗର୍ଭିଣୀ ଆଚାର, ଶିଶୁପାଳନ ଏବଂ ଶିଶୁଶିକ୍ଷା । ଗର୍ଭିଣୀ ଆଚାର ଓ ଶିଶୁପାଳନ ସମ୍ବନ୍ଧରେ ଅନେକ ଗୁଡ଼ିଏ ବ୍ୟବସ୍ଥା ଦିଆଯାଇଅଛି, ତହିଁରୁ ପ୍ରଚଳିତ କେତେ ଗୋଟି କୁସଂସ୍କାର ମୂଳକ ବୋଲି ଆଧୁନିକ ବା ପାଶ୍ଚାତ୍ୟ ଶିକ୍ଷିତ କେହି କହିପାରନ୍ତି: କିନ୍ତୁ ବିଜ୍ଞାନର ସୀମା ନାହିଁ । ସେ ସବୁ କୌଣସି ବିଜ୍ଞାନାନୁମୋଦିତ ନୁହେ ଏହା କିଏ କହିପାରିବ ? ପୁସ୍ତକଟି ବିଶେଷରେ ବାଳିକା ଓ ଗୃହିଣୀ-ମାନଙ୍କର ପାଠ୍ୟ ହେବା ଉଚିତ, ଏହି ଭଳି ହିତୋପଦେଶ ସଂକଳିତପୁସ୍ତକ ଉତ୍କଳରେ ବିରଳ । ଗ୍ରନ୍ଥକର୍ତ୍ତ୍ରୀ—ଏହାକୁ ରଚନା କରି ନାରୀ ଜାତିର ବହୁ ଉପକାର କରିଅଛନ୍ତି । ସେଥିପାଇଁ ସେ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ।

ଶ୍ରୀ ଶ୍ରୀଚନ୍ଦ୍ର ପଣ୍ଡା ।
ତା ୧୮।୪।୨୪

# ଭାଗ୍ୟଲତା ।

## ନବବଧୂ କର୍ତ୍ତବ୍ୟ ।

ଅଷାଢ଼ଶୁକ୍ଳ ।

ମନ ଦେଇ ଶୁଣ ବାଳିକାଗଣ,
ହିତ ହୁଏ ଯାହା କଲେ ଶ୍ରବଣ,
ନରସିଂହପୁର ନାମେ ବସତି,
ବହୁକାଳୁ ତହିଁ ସଭ୍ୟ ଦମ୍ପତି,
ଖାଟୁଥାନ୍ତି ଧନ,
ଅନପତ୍ୟେ ମଣି ଜୀବନ ହୀନ । ୧ ।

ଚରିତ୍ର ଅଟଇ ବଧୂ ବିଧାନ,
ନ ହୁଅଇ ପୁଣି ତା କେବେ ଆନ,
ଭାଗ୍ୟ ବଳେ କେତେ କାଳେ ଦୁହିତା,
ଜନ୍ମି ତୁଟାଇଲା ବେନିଙ୍କ ଚିନ୍ତା,
ହୋଇ ହୃଷ୍ଟ ମତି,
ଦୁହିତା ପାଳନେ ହେଲେ ବରତି । ୨ ।

ଉତ୍କଳର ଗଣୀକ ଜାତକ ଦେଖି,
ଅଚରିଲେ ପିତା ମଣି ସୁସିଦ୍ଧି,
ଭାଗ୍ୟ କରମେ ସୁତା ଜାତ ଯେଣୁ,
ଭାଗ୍ୟଲତା ଡାକ ନାମ ତା ତେଣୁ,
ଦେଇ ମାତା ପିତା
ଦୁହିତା ପାଳନେ କରନ୍ତି ଚିନ୍ତା । ୩ ।

ଚନ୍ଦ୍ରମା ତୁଲ୍ୟ ଦିନୁଦିନ ବାଳା,
ବଢ଼ି ଅଙ୍ଗେ ଧରି ସକଳ କଳା,
ସଙ୍ଗିନୀଙ୍କ ମଧ୍ୟେ ସେ ପରୀକ୍ଷାରେ,
ଜିଣି ଉଠିଲା ଉତ୍ତମା ଆଖ୍ୟାରେ,
ବାଳିକା ବୟସେ
ପଢ଼ା ଶୁଣା ସେହୁ କଲା ବିଶେଷେ । ୪ ।

ଗୁହୁଁ ଗୁହୁଁ ଦିନ ମାସ ବରଷ,
ହଉ କନ୍ୟା ଯଉବନେ ପ୍ରବେଶ,
ବିଧିମତେ ପରିଣୟ ବିଧାନ,
ସାରି ମାତା ପିତା ସାନନ୍ଦ ମନ,
ବିବିଧ ସମ୍ଭାର,
ଦେଇ ପଠାଇଲେ ସ୍ୱାମୀ ମନ୍ଦିର । ୫ ।

## ନବବଧୂ କର୍ତ୍ତବ୍ୟ ।

ବିଦାୟ ସମୟେ ସମ୍ବୋଧି ମାତା,
ଆଲିଙ୍ଗି କହନ୍ତି ମୋ "ଭାଗ୍ୟ ଲତା" !
ଦଶ ମାସ ଗର୍ଭେ କରି ଧାରଣ,
ବଢ଼ାଇ ଯତନେ କଲି ପାଳନ,
ଯୁବତୀ କାଳକୁ,
କେମନ୍ତେ ଟୁଟିବ ଗଲା ହାରକୁ । ୬ ।

ବଡ ସ୍ଥାନମାନ ନାରୀ ଜୀବନ,
କେବେ ରହି ପାରେ ନାହିଁ ସ୍ୱାଧୀନ,
ଯଉବନେ ପତି ଶୈଶବେ ପିତା,
ସେବ ପୁଣି ପୁତ୍ରେ ତୋ ସ୍ୱାଧୀନତା.
ବାର୍ଦ୍ଧକ୍ୟରେ ଏକା,
ସର୍ବଶେଷେ ମାତ୍ରୁ ନୋହୁ କେଣିକା । ୭ ।

କାଟାଇ ସୁଖେ ମା ବାଲ୍ୟ ଜୀବନ,
ଆଜହୁଁ ହେଲୁ ତୁ ସ୍ୱାମୀ ଅଧୀନ,
ସ୍ୱାମୀ ଅଟେ ନାରୀ ହୃଦ ଦେବତା,
ସ୍ୱାମୀ ଦେଖି ଯାଏ ସକଳ ଚିନ୍ତା,
ସ୍ୱାମୀ ସେବାକର,
ବଢାଇବୁ ତୋର ସତୀତ୍ୱ ଶିଖା । । ।

ପତିଟି ମା ତୋର ସକଳ ତୀର୍ଥ,
ଭରତା ସନ୍ତୋଷେ ହେବୁ କୃତାର୍ଥ,
ପତିହିଁ ସାକ୍ଷାତେ ଶ୍ରୀ ଜଗନ୍ନାଥ,
ପତି ପଦ୍ମ ସେବା ସବୁଠୁଁ ପୂତ,
ତହିଁ ଥିଲେ ମତି,
ନରହଇ ପାପ ସନ୍ତାପ ଭୀତି । ୯

ପତିଠେଁ ଯେ ନାରୀ ଥାଏ ବିରକ୍ତ,
କରୁ ପଛେ ନାନା ବାର ବରତ,
ଗୃହଧାମ କର ପରିଭ୍ରମଣ,
ଶେଷେ ଜଗନ୍ନାଥ ଲଭୁ ଦର୍ଶନ,
ପୁଣ୍ୟ କରୁ ଯେତେ,
ପାପିନୀର ପାପ ବଢ଼ଇ ତେତେ । ୧୦ ।

ଯେଉଁ ନାରୀ ମଜ୍ଜି ସ୍ୱାମୀ ସେବାରେ,
ପତି ଭକ୍ତି ରଖି ନିତି ହୃଦରେ,
ସ୍ୱାମୀ ଆଜ୍ଞା ଶିରୋଧାର୍ଯ୍ୟ କରିବ,
ସ୍ୱାମୀ କାର୍ଯ୍ୟେ ସବୁ ଦୁଃଖ ପାସୋରି,
ତାଙ୍କ ସେବା କରେ,
ତାର କେଉଁ ବ୍ରତ ଲୋଡ଼ା ସଂସାରେ । ୧୧ ।

ପତି ସୁଖେ ମଣି ନିଜକୁ ସୁଖୀ,
ପତି ଦୁଃଖ ଦେଖି ହେବୁ ତୁ ଦୁଃଖୀ,
ପତି ରୋଗଗ୍ରସ୍ତ ହେବା ଦେଖିଲେ,
ଢାଳି ମନ ପ୍ରାଣ ତାଙ୍କର ଭଲେ,
ଥାଇ ବୈଦ୍ୟ ତୁଲ୍ୟ,
ସେବା କର ରଖ ପ୍ରଶସ୍ତ ମୂଲ୍ୟ । ୧୨ ।

ନିଜପାଇଁ ସ୍ୱାମୀ ସମସ୍ତ ଧନ,
ବୃଥା ବ୍ୟୟ କର, ତାହାଙ୍କ ମନ,
ଚିନ୍ତା ସାଗରେ ନ ଦେବୁ ବୁଡ଼ାଇ,
ସେ ବୁଡ଼ିଲେ ତୁହ ବୁଡ଼ିବୁ ତହିଁ,
କହୁଛି ମା ମୁହିଁ,
ରଖିଥିବୁ ଏହା ଗଣ୍ଠି ପକାଇ । ୧୩ ।

କପଟ ଦୁର୍ଜ୍ଜନ କୁହୁକୀ ହସ୍ତେ,
ପତି ଯେବେ ଦୈବେ ପଡ଼େ କୁପଥେ,
କଉଶଳ କରି ଉଦ୍ଧାର ତାଙ୍କୁ,
ପଡ଼ିଲେ ଦେବୁଟି ପ୍ରିୟ ପ୍ରାଣକୁ,
କହୁଛି ଏତକ,
କେବେ ନ ଛାଡ଼ିବୁ ତାଙ୍କ କଟକ । ୧୪ ।

ଅସତ ସ୍ୱଭାବ ପଙ୍କରେ ପଡ଼ି,
ସ୍ୱାମୀ ଯେବେ ରହିବେ ସଦା ଜଡ଼ି,
ତହୁଁ ଉଦ୍ଧାର ଉପାୟ ଯତନ,
କରି ଲଭିବୁ ପ୍ରିୟ ପଦ ରତ୍ନ,
ଏ ବ୍ରତ ପାଳିବୁ,
କୁଳବତୀ ନାମ ଠେକି ରଖିବୁ । ୧୫ ।

ପତିଙ୍କୁ ମନ୍ତ୍ରଣା ଫାନ୍ଦେ ପକାଇ,
ଗୁରୁଜନ ମଧ୍ୟୁଁ ବିଚ୍ଛିନ୍ନ ହୋଇ,
ନ କରିବୁ ମାଗୋ ଭିନ୍ନ ଭବନ,
ତହିଁ କିଛି ସୁଖ ନ ଭୁଞ୍ଜେ ଜନ,
ମୋଠାଥିଲେ ଗେଣ୍ଠା,
ନଭେଦଇ ହେଲେ ବପଦ ଗୋଠା । ୧୬ ।

ଅଶ୍ଳୀଳ ଭାଷା ଗରଳ ଉଗାରି,
ନ ଦେବୁ ପତିଙ୍କୁ ତହିଁରେ ମାରି,
ବହୁ ଭାଷିଣୀ ମା ନୋହିବୁ କେବେ,
କହିବୁ ସ୍ୱାମୀ ଯା ପୁଚ୍ଛନ୍ତି ଯେବେ,
ସୁକତ ନ ଦେବୁ,
ପତି ରୋଷ କାଳେ ପାଖୁଁ ଘୁଞ୍ଚିବୁ । ୧୭ ।

ଦେବ ତୁଲ୍ୟ ଜ୍ଞାନ କର ସ୍ୱାମୀରେ,
କର୍କଶ ଅଙ୍କୁଶ ବଚନ ବାରେ;
ପତି ହୃଦେ ନ କରିବୁ ପ୍ରହାର,
ସେ ଘାତେ ବ୍ୟଥାଟି ଅଧିକ ତର,
ମୋର ସୁନାମାଳା,
ସଦା ହୋଇବୁ ଶାନ୍ତା ଲଜ୍ଜାଶୀଳା । ୧୮ ।

ନିଜ ପ୍ରଭୁତ୍ୱ ଛନ୍ଦ ଚଳେ ହେଲେ,
ନ ରଖିବୁ ପତି ଦେବତା ଭାଳେ,
ଏହା ଜାଣିଲେ ସାହି ପଡ଼ୋସିଣୀ,
ଠାହି ମାର ଜଭ କାମୋଡ଼ି ଧନ୍ୟ,
ବୋଲିବେ ଏ ନାରୀ,
ସ୍ୱାମୀଙ୍କ ରଖିଛୁ କିଙ୍କର କରି । ୧୯ ।

ଯେ ଥିବ ପତିଙ୍କ ପ୍ରଣୟ ପାତ୍ରୀ
* ଚିନ୍ତାସମ ତାଙ୍କ ହୃତରେ ରତି
ହୋଇ ନାନା ଯତ୍ନେ ଭୋଜନ ଆଦି,
କରାଇବୁ ପେୟ ଭୋଜ୍ୟ ସମ୍ପାଦି,
ଏ ଭାବ ଚନ୍ଦ୍ରମା
ଦଅଇ ବନାଶି ପାପ-କାଳିମା । ୨୦ ।

---

* ଶ୍ରୀବତ୍ସଙ୍କ ସ୍ତ୍ରୀ ଚନ୍ତା ।

ଯେଉଁ ଧର୍ମପଥେ ପତି ପଥିକ,
ଥିବେ ତୁ ରଖିବୁ ସେ ଧର୍ମ ଠେକ,
ବଢ଼ାଇ ତହୁଁ ତୋ ଗୌରବ ତରୁ,
ସୁଖଫଳ ଭୁଞ୍ଜୁଥିବୁ ତହିଁରୁ,
ନିଜ ଧର୍ମ ଏଡ଼ି,
ବିଧର୍ମୀ ଅନଳେ ନ ଯିବୁ ପୋଡ଼ି । ୨୧ ।

ମଳିନ ବେଶେ ବିଷଣ୍ଣ ବଦନେ,
ନ ଯିବୁ କେବେ ସ୍ୱାମୀ ସନ୍ନିଧାନେ,
ସ୍ୱଚ୍ଛ ପ୍ରଣୟ ପରକାଶି ହୃଦେ,
ତାମ୍ବୁଲାଦି ଦାନ ଭାଷା ସୁମୋଦେ,
ପରଶି ପତିରେ,
ପ୍ରେମାଙ୍କୁର ବଢ଼ାଇବୁ ମତିରେ । ୨୨ ।

ପତି ହିତ ଉପଦେଶ ନିର୍ମାଲ୍ୟ,
ସେବା କରୁଥିବୁ ଚେତ ତା ମୂଲ୍ୟ,
ମନ୍ତ୍ରୋପଦେଷ୍ଟା ମନ୍ତ୍ର ତୁଲ୍ୟ ଭାବ,
ନିରତେ ରହିବୁ ତହିଁରେ ଦ୍ରବୀ,
ନିତି ନିତି କଥା,
ପାଳିଲେ ହୋଇବ ଜଗତେ ପତା । ୨୩ ।

ଦାଣ୍ଡଦୁଆରେ ସ୍ୱାମୀ କଣ୍ଠସ୍ୱର,
ଶୁଣିବା କ୍ଷଣି ତୁ ହେବୁ ତତ୍ପର,
ମୟୂରୀ ଯେସନ ଘନ ଗର୍ଜ୍ଜନ,
ଶ୍ରବଣେ ଉଲ୍ଲାସ କରଇ ମନ,
ଚେତେ ହେନ୍ତୁ ଉନ୍ମାଦିନୀ,
ହୋଇବୁ ସେ ବାସେ ପ୍ରବେଶ ଜାଣି । ୨୪

ସହାସ୍ୟ ଆସ୍ୟେ ସମ୍ଭାଷଣ କରି,
ସେ ଯେଉଁ ଆଜ୍ଞା କରିବେ ତାହାରି,
ହୋଇ ଅନନ୍ୟଚିତ୍ତା ତା ସମ୍ପାଦନ,
ନିଜେ କରିବୁ ନ ମନ୍ଦ କଷଣ,
ସ୍ୱାମୀ ପ୍ରିୟ ଯାହା,
ସାଇତ ରଖି ମା ଦେବୁଟି ତାହା । ୨୫ ।

ସସ୍ନେହରେ ପତି ଯେଉଁ ଗୁପତ,
ଭାଷିବେ ଭାଷା ତା ବୃଥା ବଖ୍ୟାତ,
ନକରିବୁ କେବେ ଅନ୍ୟ ଜନରେ,
ତୋର ଗଣ୍ଠିଧନ ସମ ମନରେ,
ରଖିବୁ ଏକଥା
ନ କହିବୁ ପରେ ଛୁଡିଲେ ମଥା । ୨୬ ।

ଦେଖିଲେ ସ୍ୱାମୀଙ୍କ ବିରସ ମୁଖ,
ଅନୁ-ସନ୍ଧାନେ ସେ ଭାବ ପ୍ରତ୍ୟକ୍ଷ,
ବୁଝି ନିବାରଣ କରିବୁ ତାହା,
ଅକାରଣ ଦୁଃଖେ ଥିଲେ ତୋ ନାହା,
ଶିକ୍ଷା ଦାତ୍ରୀ ସମ,
ବୋଧି ବିନାଶିବୁ ବିଷାଦ ତମ । ୨୭ ।

ପତି ପ୍ରଣୟ-ପାତ୍ରୀ ବୋଲି କେବେଁ,
ଅହଂକାରେ ସ୍ଫୀତ ନୋହିବୁ ଲବେ,
ତୁଚ୍ଛ କରଣ ବଶେ ପତି ପାଶେ,
ଅଭିମାନିନୀ ମା ନୋହିବୁ ଲେଶେ,
ଏ ନୀତି ସୁମନ
ଖୋସି ମାଥେ ହୁଅ ନାରୀରତନ । ୨ ।

କ୍ରୋଧାନ୍ଧେ ସ୍ୱାମୀଙ୍କ ହୃଦୟୁ ଗିର,
କରକଶ ଭାଷା ଝୁଲିଶେ ଚୂର,
ନ ଦେବୁ ମା ଲୋ କହୁଅଛୁ ଏତେ,
ସେ ହୃଦେ ବାଧିଲେ ବାଧିବ ତୋତେ,
ପତି ପତ୍ନୀ ପ୍ରାଣ,
ଏ ବେନି ଅଙ୍ଗେ ଏକମାତ୍ର ଜାଣ । ୨୯ ।

ଚିର ରୋଗୀ ମୂର୍ଖ ଥିଲେ ଭରତା,
ନ କର ମନରେ ବିଷମ ଚିନ୍ତା,
ନିରୋଗୀ ଅବର ବିଦ୍ୱାନ ମଣି,
ହରିବୁ ଆନନ୍ଦେ ଦିନ ଯାମିନୀ
ଏ ଗୁଣ ରତନ,
ହୃଦେ ଲଗାଇବୁ କରି ଯତନ । ୩୦ ।

ସ୍ୱାମୀଙ୍କ ପ୍ରକୃତ ମନ ତୁ ଚିହ୍ନି,
ଇଚ୍ଛୁଥିବେ ଯାହା ସେ ଯୋଗାଇ ଧନୀ,
ମନେ ମନ ବାସ ଅନିଲ ପ୍ରାୟେ,
ମିଳାଇବୁ ପୁଣି ସବୁ ସମୟେ,
ତେଜିଲେ ଆଲସ୍ୟ,
ପାଇବୁ ଜଗତେ ଐଶ୍ୱର୍ଯ୍ୟ ଯଶ । ୩୧ ।

ସ୍ୱାମୀ ଆରୋଗ୍ୟ ପାଇଁ ଦେବ ଦେବୀ,
ସେବା ଆଚରିବୁ ମାନସେ ଭାବି,
ସାବିତ୍ରୀ ଓଷାଦି ବାର ବରତ,
ସଂକଳ୍ପି ପବନେ ମଣ୍ଡାଇ ଚିତ୍ତ,
କରିବୁ ଅବଶ୍ୟ,
ଏଥିରେ ସ୍ୱାମୀଙ୍କ ବଢେ଼ ଆୟୁଷ । ୩୨ ।

ସ୍ୱାମୀ ବିକୃତ ଅଭୂଷିତ ଥିଲେ,
ମନେ ମନେ ଖପା ନୋହିବୁ ତିଳେ,
ଦେଖ ଶିବ ଭସ୍ମ ସର୍ପ ମାଳାରେ,
ଆଦର ଜଟା ଜୁଟ ମଣ୍ଡି ଶିରେ,
ଥିଲେହେଁ ସନ୍ତତେ,
ଟିବା ପୂଜୁଛନ୍ତି ସେ ପଦ ନିତ୍ୟେ । ୩୩ ।

ଗୃହସ୍ଥର ଗୁପ୍ତ ସମ୍ପତ ବାରେ,
ପତି ଦୋଷ କାର୍ଯ୍ୟ ଖ୍ୟାତ ପରରେ,
ନ କରିବୁ ମୋର ଦୁହିତା ମଣି,
ଦୃଢ଼ ଗଣ୍ଠି କରି ମନରେ ଜାଣି,
ରଖିଥିବୁ ଯେବେ,
ହବ ସୁଖ-ଧନ ପାଇବୁ ତେବେ । ୩୪ ।

ଦୁଷ୍ଟାଙ୍କ ସଙ୍ଗତେ ମାତି କଳହେ,
ବ୍ୟଥା ନ ଆଣିବୁ ପତିଙ୍କ ଦେହେ,
ଶଙ୍କା ହୁଏ ଯେହ୍ନେ ଦେଖିଲେ କଷ୍ଟ,
ତେସନ ରହିବୁ ଦୂରୁଁ ଜୁହାରି,
କହୁଛି ମୋ ଧନ,
ନ କର ଦୁଷ୍ଟାଙ୍କ ମୁଖ ଦର୍ଶନ । ୩୫ ।

ନିତ୍ୟ ସ୍ୱାମୀ ପଦ ଉଦକ ପାନ,
ସାରି ଭୁଞ୍ଜୁଥିବୁ ତୁହି ମା ଅନ୍ନ,
ଶାଶୁ ନଣନ୍ଦଙ୍କ ଆଦେଶ ପାଳି,
କାର୍ଯ୍ୟ କରୁଥିବୁ ମୋ ଗଲାମାଳି,
କେବେ ଅଶନରେ,
ପକ୍ଷପାତ ନ ରଖିବୁ ମନରେ । ୩୬ ।

ସ୍ୱାମୀ ଅନଉପସ୍ଥିତେ ଦୁଆରେ,
କେ ପୁରୁଷ ଯେବେ ଡାକିବ ବାରେ,
ଅଗୁସାର ହୋଇ ନ ଯିବୁ ତହିଁ,
ପୁତ୍ରାଦି କେ ଥିଲେ ଦେବୁ ପଠାଇ,
ଜ୍ଞାତି ବନ୍ଧୁ ହେଲେ,
କୁଳ ରୀତି ଆଚରିବୁ ମା ଭଲେ । ୩୭ ।

ପ୍ରବାସୀ ହୋଇବୁ ପତି ସହିତେ,
ଭାଗ୍ୟ ଯେବେ ସ୍ୱାମୀ ରହେ ଅଜ୍ଞାତେ,
ଦ୍ରୌପଦୀ ଯେହ୍ନେ ବିରାଟ ଘରେ,
ଦମୟନ୍ତୀ ଥିଲେ ଯେଉଁ ରୀତିରେ,
ତେସନ ତୁ ଥିଲେ,
ତୋ ଯଶ ପୂରିବ ଜଗତେ କାଳେ । ୩୮ ।

ପତି ଜ୍ଞାନ ପଥେ ପଥିକ ହୋଇ,
ସଂସାର ବିରାଗୀ ଯେବେ ହୁଅଇ,
କେବେ ତୁ ନୋହିବୁ ଅକୁଳ ମତି,
ଦେଖ ଯଶୋଧାରା କେସନ ସତି,
* ରହିଛନ୍ତି ଭୂତରେ
ପତି ବଇରାଗ୍ୟ ଲଭି ଅନ୍ତରେ । ୩୯ ।

ବିଶ୍ରାମ ସମୟେ ତନ୍ତ୍ର ପୁରାଣ,
ପଢ଼ି ବୁଝି ଥିବୁ ସବୁ କାରଣ,
ସାର ବଦ୍ଧମତେ ରନ୍ଧନ ବଧୂ,
ପତି ସେବା ନିଜ କର୍ତ୍ତବ୍ୟ ସାଧି,
ସ୍ୱାମୀ ସେବା ବିନା,
ଅନ୍ୟ କର୍ମ ଯେତେ ନୁହେ ଗଣନା । ୪୦

କ୍ରୂର କୁଟିଳ ଭାଷୀ ଭର୍ତ୍ତା ଯେବେ,
ବ୍ୟଙ୍ଗ କୁଣ୍ଠ ପୁଣି କ୍ଳେଶ ଦାଇବେ,
ଥିଲେ ଉଦାସ ବାଜ ହୃଦୟରେ,
ପୋତ ଧଇର୍ଯ୍ୟ—ସଲିଳ ତହିଁରେ,
ସିଂଚି ଦିବା ନିତି,
ବଢ଼ାଇବୁ ତୋର ସୌଭାଗ୍ୟ କୃଷି । ୪୧.



* ବୁଦ୍ଧ ଦେବଙ୍କ ସ୍ତ୍ରୀ ।

ପରିବାର ଜନେ କପଟ ଚିତ୍ତ,
ରଖିବା ଗୋପନେ ଗୁହ୍ୟ ସମସ୍ତ,
ଏବଷମ ମନ୍ତ୍ର ବକ୍ଷ୍ୟ ବାରେ,
ନା ଫୁଙ୍କିବୁ କେବେ ସ୍ୱାମୀ ଶ୍ରୁତରେ,
କହୁଛୁ ଏତିକି
କେବେ ନ ଆଣି ଏମନ୍ଦ ମତିକି । ୪୨ ।

ସହନେ ଧରଣୀ ଚିତ୍ତ ଆଚରି,
କାର୍ଯ୍ୟ ପଥେ ଥିବୁ ସଚିବ ପରି,
ଦାସୀରୁ ସାଧନେ ହେବୁ ଅଧିକ,
ଉପଦେଶେ ମାତା ନାମକୁ ଠେକ;
ରଖିଥିବୁ ଯେବେ,
ଦୂଷିତା ନୋହିବୁ ଏପାପ ଭବେ । ୪୩ ।

ଶ୍ୱଶୁରଙ୍କୁ ଦେବ ସମାନେ ଜ୍ଞାନ,
କରି ଦେଉଥିବୁ ନିତି ସମ୍ମାନ,
ଦେଢ଼ଶୁରେ ବଡ଼ ଠାକୁର ସମ,
ମାନ୍ୟ ରଖିଥିବୁ ବଢ଼ାଇ ନାମ,
ଏନୀତି ପାଳିଲେ,
ସର୍ବଶ୍ରେଷ୍ଠା ହେବୁ ନାରୀ ମଣ୍ଡଳେ । ୪୪ ।

ଦାସୀ ସମେ ଶାଶୁ ପଦ ସେବାରେ,
ମନଦେଇ ଥିବୁ ଗୃହ ଧବାରେ,
ନଣନ୍ଦଙ୍କୁ ନିତ ପ୍ରେମ ନୟନେ,
ଦେଖୁଥିବୁ ଦ୍ୱେଷ ନ ରଖି ମନେ,
ଜାଆଙ୍କ ସଙ୍ଗରେ,
ନୀର କ୍ଷୀର ତୁଲ୍ୟ ଥିବୁ କାର୍ଯ୍ୟରେ । ୪୫ ।

ଭ୍ରାତୃ ପ୍ରେମ ରଖି ଦେବର ପ୍ରତି,
ପାଳୁଥିବୁ ନୋହି ବିକଳ୍ପ ମତି,
ବନବାସେ ସୀତା ସୌମିତ୍ରି ପ୍ରୀତ,
ପାଞ୍ଚାଳୀ ପାଣ୍ଡବେ ଘଟିବା ନୀତ,
କର୍ମ ପଥେ ଥିଲେ,
ସଂସାରେ ପ୍ରଶଂସା ପାଇବୁ ଭଲେ । ୪୬ ।

ଆଜ ଯାଏ କନ୍ୟା ନାମକୁ ବହି,
ବଧୂ-ଉପାଧିକୁ ଲଭିଲୁ ତୁହି,
ତେଣୁ ଟି ମା ବେଳ କାଳକୁ ଜଗି,
ନାରୀକୁଳ ମହତକୁ ନ ଲଙ୍ଘି,
ଗୃହେ ଥିବୁ ଯେବେ,
ସୁନାରୀ ପଦବୀ ଲଭିବୁ ତେବେ । ୪୭ ।

ବନ୍ଧୁ ଭଗାରୁଣୀ ଶାଶୁ ନଣନ୍ଦ,
ଜଗି ଛକେ ଛକେ ଲଗାନ୍ତି ଦ୍ୱନ୍ଦ,
ବୋହୂ ଭଲ ଗୁଣ କାହିଁ ଦେଖିଲେ,
କେବେ ନ କରନ୍ତି ପ୍ରଶଂସା ଛଲେ,
ଟିକକ ମନ୍ଦକୁ,
ଟୋକାଇ କରି ରଚନ୍ତି ଦ୍ୱନ୍ଦକୁ । ୪୮ ।

ଏ ଯେବେ ତାଙ୍କ ମନ-ଅଭ୍ୟାସ ମାଗୋ,
ମିଷ୍ଟ ଭାଷା ମନ୍ତ୍ରେ ତୋଷିବୁ ଆଗ,
କାର୍ଯ୍ୟ ପଥେ କେବେ ଆରମ୍ଭି ବାଦ,
ନବସିବୁ ତହିଁ ଘୋର ପ୍ରମାଦ,
ସହନଶୀଳା ହୋଇ,
ସବୁ ଦୁଃଖ ଦେବୁ ହୃଦୁ ମେଣ୍ଟାଇ । ୪୯ ।

ଅନ୍ୟ ଜନେ କ୍ରୋଧ ଭାବ ନ ବହି,
ପଡ଼ୋଶୀ ସ୍ତ୍ରିୟଙ୍କୁ ଥିବୁ ମନାଇ,
ଭିକ୍ଷୁକ ଅତିଥି ଦେଖିଲେ ଦ୍ୱାରେ
ବିରକ୍ତ ନ ହେବୁ କେବେ ମନରେ,
ସେବା ଦାନେ ତାଙ୍କୁ,
ସନ୍ତୋଷି ଭାଷିବୁ ମିଷ୍ଟ ଭାଷାକୁ । ୫୦ ।

ପ୍ରଭାତ ସମୟେ ଶେଯରୁ ଉଠି,
ସାରି ନିତ୍ୟ କୃତ୍ୟ ବାସି ପାଇଟି,
ତହୁଁ ବଳି ଗୃହ କରମ ଯେତେ,
ନ ବହୁ ତୁ ମନେ ଦୋଷ କହିଁ ତେ,
ସବୁ ସାରି ଶେଷେ,
ଲଭବୁ ବିଶ୍ରାମ ମନ ହରଷେ । ୫୧ ।

ସତ୍କୁଳ ସମ୍ଭବା ବିବେକୀ ଜ୍ଞାନୀ,
ସଚ୍ଚରିତ୍ରା ପୁଣ୍ୟଶୀଳା ରମଣୀ,
ଏହାଙ୍କ ସହ ସଖ୍ୟ—ଭାବାଚରି,
ବଢ଼ାଇବୁ ତୋର ଗୌରବ ଶିରୀ,
ଏହି ନୀତ ଧରି,
ଖୋସିଲେ ମସ୍ତକେ ଦିଶିବୁ ଗୋରୀ । ୫୨ ।

ଯେଉଁ ଅପାର କଳଙ୍କ-ସାଗରେ,
ପତି ଶ୍ୱଶୁର ଆଦି ବନ୍ଧୁ ସୋଦରେ,
ବୁଡ଼ିବେ ଅକୂଳେ କୂଳ ନ ପାଇ,
ତେସନ କରମେ ନ ଥିବୁ ତୁହି,
କହୁଛି ମା ମୁହିଁ,
ଦେଖି ବାରେ ନୀତ ଗାଥା ଫିଟାଇ । ୫୩ ।

ପଶିହ୍ୱାସୀ ସମ ବୟସୀ ଗଣେ,
ପରିହାସ ହେବୁ ଭରକ୍କ ମନେ,
ବିଶେଷ କୌତୁକ ମଧୁର ମଧୁ,
ପାନ ନ କରିବୁ ମଣି ସୁସ୍ୱାଦୁ,
ବିଶେଷ ମଧୁରେ,
ବିଷ ଯରଇଛି ଜାଣିଥା ବାରେ । ୫୪ ।

ନଅଣୀ ସହଣୀ ହୋଇ ନିରତେ,
କଥା ହେବୁ ଗୁରୁଜନ ଅଗ୍ରତେ,
ଗତିକାଳେ ଦୃଷ୍ଟି ପଦରେ ଥୋଇ,
ଶୁଳ୍କଥିବୁ ମା'ଗୋ' ମଥା ନୁଆଇଁ,
ରେ ଗଣ୍ଠି ସଙ୍ଖାଳି !
ଏ କଥା ରଖିବୁ ମନରେ ଭାଲି । ୫୫ ।

ଶୁଣି କେବେ କାର କୁଟିଳ ଭାଷା,
ବିରସ-ପଙ୍କେ ତୋ ହୃଦ ନ ଭସା,
ପରଶ୍ରୀକାତର ଅନଳେ ପଡ଼ି,
ବିବେକ ତୋହର ନ ଦେବୁ ପୋଡ଼ି,
ଆତ୍ମ ସୁଖ ଭାବ,
ତେଜି ଥିବୁ ସଦା ମନୁ ଗରବ । ୫୬ ।

ସଞ୍ଚୟ ଗୁଣେ ପିପୀଲିକା ପରି,
ଶୟନରେ ଶ୍ୱାନ ନିଦ୍ରା ଆଚରି,
ଦେଖି ଆୟବଲ ବ୍ୟୟ କରିବୁ,
ସଦା ଗୃହ ଧନ ଯତ୍ନେ ରଖିବୁ,
ଆହା ମୋ ଦୁହିତା !
ଏହା ଦେଖି ଦୂରେ ଯାଉ ମୋ ଚିନ୍ତା ୫୭ ।

କେଉଁ ଖାଦ୍ୟ ଦ୍ରବ୍ୟ ତୁ ଲୁକ୍କାୟିତେ,
ତୁଣ୍ଡେ ପକାଇ ନ ଦେବୁ କାଞ୍ଚିତେ,
ଏରୀତ ଶାଶୁ ନଣନ୍ଦ ବଇରୀ,
ହୀନ କଥା ବଡ଼ ତୁଠାଏ ଶିରୀ,
ହେଉ ପଞ୍ଚାମୃତ,
ବଷୁଁ ଅଧିକ ତା ମଣ କୁତ୍ସିତ । ୫୮ ।

ଗମ୍ଭୀର ଗୁଣରେ ସାଗର ସର,
ଆଶ୍ରୟ ଦାନରେ ବୃକ୍ଷର ପର,
ଭାନୁରୁ ହୃଦୟ ବମଲ ଗୁଣେ,
କାର୍ଯ୍ୟେ ଚଞ୍ଚଲତା ବଦ୍ୟୁସ୍ତ୍ରମାନେ,
ସଦା ହେଲେ ଧନ,
ନାରୀଙ୍କର ହେବୁ ଭୂଷା—ରତନ । ୫୯ ।

ବସିଥିବେ ଗୁରୁଜନାଦ ଯହିଁ,
ବସି ଉଚ୍ଚ ଆସନରେ ତୁ ତହିଁ;
ବସିବୁ ନାହିଁଟି ମୋ ସୁନାମାଳ;
ଦେଖି କେ ମେଳିବ ଉଗ ପହଲୀ,
ଅସୁନ୍ଦର ପୁଣି,
ଏଣୁ ନ କରିବୁ ମୋ କଥା ଶୁଣି । ୬୦ ।

ସତୀର ଭୂଷଣ ସତ୍ୟ ବଚନ,
ମିଥ୍ୟା କଳପନା କରେ ଦୂଷଣ,
ଉଚ୍ଚାରିବୁ ନାହିଁ ସେ ମିଥ୍ୟା ପାପ,
ସତ୍ୟ ଏଡ଼ିଲେ ଲଭିବୁ ସନ୍ତାପ,
କହୁଛି ମୋ ଧନ !
ଥିବୁ ସତ୍ୟ ବଚନକୁ ତୁ ମାନ । ୬୧ ।

ମଳାଙ୍ଗ ଯେସନ ବୃକ୍ଷ ନାଶଇ,
ଲୋଭହିଁ ମନୁଷ୍ୟ ତେସନେ ଗ୍ରାସଇ,
ଧନେ ହେଲେ ଅତି ଲୋଭ ମୁଖରେ,
ନ ପଡ଼ିବୁ ମୁହିଁ କହୁଛି ବାରେ,
ଲୋଭ ମହା ଖଣ୍ଟ,
ନ ଯିବୁଟି କେବେ ତାର ନିକଟ । ୬୨ ।

ଅଛୁ ଏହ୍ନ କ୍ରମେ ଛଅଟି ଅରି,
କାମ କ୍ରୋଧ ମୋହ ମଦାନ୍ଧ ଘୋର,
ଏମାନେ କରନ୍ତି ମନୁଷ୍ୟ ନାଶ,
ନ ହେବୁ ଏଣୁ କେବେ ତହିଁ ବଶ୍ୟ,
ମୋ ଚଣ୍ଡି ସଙ୍ଗାଳି !
ଏଥି ନ ଦେବୁ କେବେ ହୃଦ ତାଳି । ୬୩

ଏଥି ସୃଷ୍ଟିରେ କେ ବଡ କେ ସାନ,
ଭେଦାଭେଦ ଛାଡ଼ି ମଣି ସମାନ,
ସବୁ ଜୀବ ପ୍ରତି ସମାନ ଦୟା,
ରଖିବୁ ଅନ୍ତର ବରଜି ମାୟା,
ଏ ଗୁଣ ଚନ୍ଦ୍ରମା,
ଉଦୟେ ଲଭିବ ପାପ କାଳିମା । ୬୪ ।

କଳଙ୍କର ଖଣି ନାରୀ ଜୀବନ,
ପଦେ ପଦେ ଭୁଞ୍ଜେ ସେ ଅପମାନ,
ବଳ ହୀନା ତେଣୁ ନାମେ ଅବଳା,
କହି ନୁହଇ ତା ଜୀବନ ଜ୍ୱଳା,
ହେଲେ କାଳ ହେଲା,
ନିତ୍ୟ ସୁଖ ମଣି ସହେ ସକଳ । ୬୫ ।

ନବବଧୂ କର୍ତ୍ତବ୍ୟ ।

ଏତେକ ମା ତୋତେ କହୁଛି ମୁହିଁ,
ମୁଖ ଟେକି ଦାଣ୍ଡେ ନ ଦେବୁ ରୁହିଁ,
ନଲୋଡ଼ିବୁ କେବେ ଦୁଷ୍ଟା ସଙ୍ଗିନୀ,
ନ ହେରିବୁ ପୁଂସ ଗୋଷ୍ଠିକି ଧନି,
ତହିଁ ହେଲେ ବଶ୍ୟ,
ସତୀତ୍ୱ ରତନ ହୁଅଇ ନାଶ ।୬୬।

ନିତ ଏ ଶିକ୍ଷା ତୁହିଁ କୁମାରି,
ନିରତେ ବିନମ୍ର ବ୍ରତ ଆଚରି,
ତୋଷିବୁ ସକଳ ଜନଙ୍କ ମନ,
ସୁଖ ମୟ ହେବେ ବଧୂ ଜୀବନ,
କହୁଛି ଏତେକ,
ସ୍ଥିର ରଖିବୁ ଚଞ୍ଚଳ ମତିକି ।୬୭

କୁଳ ବଧୂଙ୍କର ମଥାଭରଣି,
ଓଢ଼ଣୀଟି ମାଗୋ ଅଧେ ଭୂଷଣୀ,
ତାହା ଶିରେ ନ ଫିଙ୍କାଇ ତୁଂ ବାଟେର,
ଯିବୁନାହିଁ ଗୁରୁଜନ ଆଗରେ,
ଅଟୁ ତୁ ତରୁଣୀ,
ଦେଖାଇବୁ ନାହିଁ ଶିର କବରୀ ।୬୮।

କାହା କ୍ଷୁଦ୍ର କଥା କାହାରେ କହ,
ନଦେବୁ ଉଭୟେ କଳି ଲଗାଇ,
ସେମାନଙ୍କ ଦୋଷ ଲୁଚିବ କାହିଁ
ଶେଷେ ତୁ ରହିବୁ କଳଙ୍କୀ ହୋଇ,
ଦେଖି ମୃଗତୃଷ୍ଣା,
ଶଶ ମଲ୍ଲ ଦେଖ ଚନ୍ଦ୍ରମା ଦଶା । ୬୯ ।

ନିରାଶ୍ରୟ ହୋଇ ଯେବେ କେ ଜନ,
ଆସି ତୋହରେ ମା ହୁଏ ଶରଣ,
କୁଳ ଶୀଳ ଗୋତ୍ର ବୁଝି ତାହାର,
ଆଶ୍ରୟ ଦେବୁତୁ ଭାବି ନିକର,
ଅଜ୍ଞାତ ଜନରେ
ଆଦର ନ ଦେବୁ କେବେ ମନରେ, । ୭୦ ।

ପ୍ରତି ଗୁରୁବାରେ ଲକ୍ଷ୍ମୀ ପୁରାଣ,
ପଢ଼ି ବନ୍ଦିବୁ ସେ ଦେବୀ ଚରଣ,
ନାରୀଙ୍କର ମୂଳ ଏହିବରତ,
ଯେବେ ତୁ ପାଳିବୁ ମଜାଇ ଚିତ୍ତ,
ଧନ ଧାନ୍ୟ ଜନ,
ପୂର୍ଣ୍ଣ ହେବ ମାଗୋ ତୋର ଭବନ । ୭୧ ।

ପରଭୃତେ ଛାଡ଼ି ତଳପ ନୀତ,
ସୀତା ଶଚୀ ମନ୍ଦୋଦରୀ ଦ୍ରୌପଦୀ,
ତାରା ପଞ୍ଚକନ୍ୟା ନାମକୁ ଗାଇ,
ପଞ୍ଚମନ ତହିଁ ନିବଷ୍ଟେ ଥୋଇ,
ତାହାଙ୍କୁ ସ୍ମରଲେ,
ପାପ କାଳିମା ମା ନ ଥିବ ତଳେ । ୭୨ ।

ରାମାୟଣ ଗ୍ରନ୍ଥ କର ଅମୂଲ,
ପଢ଼ିବୁ ହୃଦୟେ କଳି ତା ମୂଲ୍ୟ,
କଇକେଇ ଦଶରଥେ ଯେସନ
ବର ଯାଚନା ନରଖ ତେସନ,
ପତି ସନ୍ତୋଷରେ,
ଯାହା ଦେବେ ତାହା ନେବୁ ସତ୍ୱରେ । ୭୩ ।

ମନ୍ଥରା କୈକେଇ ଯେଉଁ କରମ,
କରି ବନେ ପଠାଇଲେ ଶ୍ରୀରାମ,
ଦେଇ ଦଶରଥେ ସନ୍ତାପବଷ୍ଟ,
କରିଥିଲେ ତାକୁ ଜୀବନେ ନାଶ,
ଏମନ୍ଦ ଭାବନା—
ହୃଦେଜ୍ୟ ପଶି ଦେହ ନକର ଚୂନା ।୭୪।

ଦେଖ ରାମଚନ୍ଦ୍ର ବନ ଗମନେ,
ପତି ଭକ୍ତା ଭଇଦେହୀ କେସନେ,
ଅଯୋଧ୍ୟା ଭବନୁ ରାଜ ସମ୍ଭୋଗ,
ତେଜି ସ୍ୱାମୀ ପଦେ ମନକୁ ଯୋଗ,-
କରି ଗଲେ ବନେ,
ସେ କୀର୍ତ୍ତି ପୂରିଛି ସର୍ବ ସଦନେ ।୨୫।

ଅଯୋଧ୍ୟା ନଗରେ ସୀତା ସମ୍ପଦେ,
ଭୋଗୁଥିଲେ ଯେଉଁ ଅମିୟ ମୋଦେ,
ବନବାସେ ତାହା ମନୁ ପୁଛିଛି,
କେବଳ ଶ୍ରୀରାମ ସେବାକୁ ଇଚ୍ଛି,
ଫଳ ମୂଳ ଖାଇ,
ଦନ ହରି ନେଲେ ଶୁଣିଛୁ ତୁହି ।୨୬।

ଜନ୍ମ ଅନ୍ଧ ଧୃତରାଷ୍ଟ୍ରେ ଗାନ୍ଧାରୀ,
ସେବଲେ ବଢ଼ାଇ ସତୀତ୍ୱ ଗିରି,
ଅନ୍ଧ ବୋଲି ସ୍ୱାମୀ ପ୍ରତି ଭକ୍ତି,
ନଥିଲାଟି କେବେ ତାହାଙ୍କ ଚିତ୍ତ
ତହୁଁ ତୋହ ଶିରୀ,
ବଢ଼ାଇ ନୁଅ ଦ୍ୱିତୀୟ ଗାନ୍ଧାରୀ ।୨୭।

ଯୁଧିଷ୍ଠିର ହେଲ ହୃତସର୍ବସ୍ୱ,
ବଣେ ସେ ଅଜ୍ଞାତ ଆଉ ବନବାସ,
କଲେ ହେଲେ ବାରେ ଦ୍ରୁପଦ ସୁତା,
ମନେ ଭଲେ ନୋହୁ ସେହୁ ଦୁଃଖିତା,
ଦୀନା ସମ ଥାଇଁ,
କାଟିନେଲେ ଦିନ ଶୁଣିଛୁ ତୁହି ।୭୮।

ତଥା ନଳ ହାରି ରାଜ୍ୟ ସମ୍ପଦ,
ଲଭି ବନ ବାସେ ଘୋର ବିପଦ,
ନିବଡ଼ ଅରଣ୍ୟେ ପତ୍ନୀଙ୍କୁ ଛାଡ଼ି,
ଗଲେ ଆପଣାର ବିବେକ ହୁଡ଼ି,
ଥିଲେ ହେଲେ ଯହିଁ
ଦମୟନ୍ତୀ ପ୍ରାଣ ମୋଳଇ ତହିଁ ।୭୯।

ସତ୍ୟବାନ ପ୍ରାଣ ବିୟୋଗ ଦେଖି,
ସାବିତ୍ରୀ ଥିଲେ କି ମାନସେ ଦୁଃଖୀ,
ସତୀ ପ୍ରତିଜ୍ଞାରୁ ପତିର ପ୍ରାଣ,
ଫେରାଇ ତହୁଁ ସେ ସୁଖରେ ଦିନ,
ହରୁଥିବା ନିତି,
ସାବିତ୍ରୀ ଓଷାରେ ହୋଇଛୁ ଖ୍ୟାତି ।୮୦।

ଏହାଙ୍କ ତୁଲ୍ୟ ତୁ ସର୍ବ ଗୁଣରେ,
ଶ୍ରେଷ୍ଠାହୋଇ ଯଶ ରଖ ଭୂମିରେ,
ତୁ ହୁଅ ସକଳ ଗୁଣସାଗରୀ,
ତହିଁରେ ମଣ୍ଡନ୍ତୁ ସର୍ବ ନାଗରୀ,
କହୁଛି ମୁଁ ଯାହା,
ଅକ୍ଷରେ ଅକ୍ଷରେ ପାଳିବୁ ତାହା । ୮୧ ।



# ଗର୍ଭିଣୀ ଆଗୁର ।

ଏଥୁ ଅନ୍ତେ ମାତ ସୁମନେ ଘେନ,
ଗର୍ଭବତୀ ସତୀ ନୀତି ପାଳନ,
ବାଛୁ ନାନା ଶାସ୍ତ୍ରୁ ସଂକ୍ଷେପ କରି,
କହେ ମୁଁ ତୋ ଅଗେ ତାହା ବିସ୍ତାରି,
ପାଳିଲେ ଆଦରି,
ନିନ୍ଦା କୁମ୍ଭିପାକୁ ହୋଇବୁ ପାରି । ୮୨ ।

ପୋଷି ତୋହ ମନେ ଦ୍ୱେଷ ନରତେ,
ହୃଦ ଥୋଇ ମାଗୋ କ୍ରୋଧ କରତେ,
ଅଭିଶାପ କାହାକୁ ନ ବହିବୁ,
ବୃଥା ଅଶଙ୍କା ମନେ ନ ଲଭିବୁ,
ଉତ୍ତାନ ଶୟନ,
କରିବୁ ଅବଶ୍ୟ ଏହା ବର୍ଜ୍ଜନ । ୮୩ ।

ନ ଛେଦିବୁ କେବେ ଅଙ୍ଗରୁ ରୋମ,
ନଖ ମସ୍ତ୍ୟ ଫଳ ମୂଳ କୁସୁମ,
ନୂତନ ବସନ କିବା ଭୂଷଣ,
ଅଶୁଭ ପଦାର୍ଥ ବାରେ ସ୍ପର୍ଶନ,
ନ କରିବୁ ଭୁହି,
ନୀତି ଶାସ୍ତ୍ରେ ଏହା ଶୁଣିଛୁ ମୁହିଁ । ୮୪ ।

ସ୍ନାହାନ ଜଳ ମଧ୍ୟେ ନ କରିବୁ,
ଦୁଷ୍ଟା ସହବାସ ସଦା ବର୍ଜିବୁ,
ଅଧୌତ ବାସ ପୁନଃ ପରିଧାନ,
ପରିତ୍ୟକ୍ତ ମାଳା ପୁନଃ ଗ୍ରହଣ,
କଲେ ମହା ଦୋଷ
ଗର୍ଭବତୀ ପକ୍ଷେ ଏହା ଅବଶ୍ୟ । ୮୫ ।

ପିପୀଲିକା ଅଦ କୀଟ ଦୂଷିତ,
ଉଚ୍ଛିଷ୍ଟ ଅବର ସଢ଼ା ପଦାର୍ଥ,
ଗୋରସ ଅନ୍ନ ଆମିଷ ସହିତ,
ଯେ ଅନ୍ନ ଅସ୍ପୃଶ୍ୟ ଜନ ଆଣୀତ,
ଏହା ନ ଭୁଞ୍ଜିବୁ,
ପବିତ୍ର ନିୟମ ତୁହି ପାଳିବୁ । ୮୬ ।

ରଜସ୍ୱଲା ସ୍ତ୍ରୀଙ୍କ ଦୃଷ୍ଟି ପତନ,
ହୁଏ ଯେବେ ବରଜିବୁ ସେ ଅନ୍ନ,
ଅଞ୍ଜଳି ଦ୍ୱାରା କେବେ ଜଳପାନ,
ଉଚିତ ନୁହେଁ ଏ ଶାସ୍ତ୍ର ବିଧାନ,
କହୁଛି ଗୋ ଧନୀ,
ଭୁଞ୍ଜି ଉଚ୍ଛିଷ୍ଟ ନ ରଖିବୁ ପୁଣି । ୮୭ ।

ସାରୁ ନାରକେଳ ଓଳ ବା ତାଳ,
କନ୍ଦମୂଳ ଆଦ ଅନାସ୍ଥ ଫଳ,
ନ ଭକ୍ଷିବୁ କେବେ ଏମାନ ଘେନ,
ଶିଶୁ ଅଙ୍ଗେ ଲଭେ ନାନା କଷ୍ଟତା,
କହୁଛି ମୋ ମାତ,
ପାଳିବୁ ଏମାନ ତୁହି ନିରତ । ୮୮ ।

ଛତୁ ତରକାରୀ ବାଳିଆ ମାଛ,
ପେଣ୍ଡୁରା ଶାକାଦି ମଣିବୁ ତୁଚ୍ଛ,
ଛାଡିବୁ ବିଶେଷ ମଧୁର ଶ୍ରଦ୍ଧା,
ଯେ ଦେବ ଗର୍ଭସ୍ଥ ସନ୍ତାନେ ବାଧା,
ଏସନ ପଦାର୍ଥ,
ନ ଭକ୍ଷିବୁ ହୋଇ ତୁ ଆଶାସ୍ଥିତ । ୮୯ ।

କଷା ତିକ୍ତ କଟୁ ଅତି ଆମ୍ବିଳ,
ଅବର ଲବଣ କା ତପ୍ତ ଜଳ,
ଗ୍ରାସ ଏମାନ ଗୋ କରିବୁ ନାହିଁ,
ଗର୍ଭସ୍ଥ ସନ୍ତାନେ ବାଧା ଜନ୍ମଇ,
ଲୋଭେ ଅତି ଗ୍ରାସ,
ତେଜିବୁ ଗୋ ମାଏ ଆଶା ଅବଶ୍ୟ । ୯୦ ।

କେଶ ମୁକୁଳା ମା ନି ସନ୍ଧ୍ୟା କାଳେ,
ନ କରି ବିଭୂଷା ନ ଦେବୁ ଫୁଲେ,
ମଥା ଉତ୍ତର ବାରୁଣୀ ଦିଗକୁ,
କରି ମା ନ ଯିବୁ କେବେ ନିଦ୍ରାକୁ,
ଭ୍ରମଣ ସମୟେ,
ଅନା-ବୃତ୍ତେ ନରଖିବୁଟି କାୟେ । ୯୧ ।

ରବି ଉଦେ ପୂର୍ବୁ ଶଯ୍ୟା ଛାଡ଼ିବୁ,
ଏକ ବସ୍ତ୍ରେ ଦେବାଳୟେ ନ ଯିବୁ,
ଘର୍ ନିଶୁଅସେ ଭିକ୍ଷୁକ ଗଣେ,
ଭିକ୍ଷା ଯାଚି ଦେବୁ ହରଷ ମନେ । ୯୨ ।
ଏ ନୀତି ପାଳିବୁ,
ସୁଯୋଗ୍ୟ ସନ୍ତାନ କୋଳେ ଧରିବୁ ।

କେବେ ମା ବୃଥା ବିଶେଷ ରୋଦନ,
କରି ନ ଭନ୍ତାଇବୁ ଅପଧନ,
ବେଶି ପରିଶ୍ରମ ଯେବଣ କାର୍ଯ୍ୟ,
ତହିଁ ନ ଦେବୁ ତୋ କର ସରୋଜ,
କହୁଛି ମୁଁ ବାରେ,
ନ ବସିବୁ ଏରୁଣ୍ଡି ର ଉପରେ । ୯୩ ।

# ଶିଶୁ ପାଳନ ।

ସ୍ତନ ଭୁଞ୍ଜେ ଯେତେ ଦିନ ସନ୍ତାନେ,
କ୍ଷୀର ଦେଉ ଥିବୁ ହରଷ ମନେ,
ସୁପଥ୍ୟ ସେହି ଦିନ ଯାଏ ନିତ୍ୟ,
ରହିବୁ ପାଳିମା ତୋର ଅପତ୍ୟ,
କହୁଛି ମୋ ଧନି,
ପେଟ ପୂରାଇ ନ ଭୁଞ୍ଜିବୁ ପୁଣି । ୯୪ ।

ରଙ୍କ ମନ ଯେସନେ ଗଣ୍ଠିରେ ଥାଇ,
ତେସନେ ମନ ପ୍ରାଣ ସନ୍ତାନେ ଡୁହି,
ଅରପଣି କର ସକଳ ଅଙ୍ଗ,
ଦେଖୁ ଥିବୁ କାହିଁ ହେଲେ କି ରୋଗ,
ସନ୍ତାନ ବେଦନା,
ମାତା ବିନା ପର କାହାକୁ ଜଣା । ୯୫ ।

କ୍ଷୁଧା ବାଧା ଅବା ହେଲେ ଯହିଁରେ
ସନ୍ତାପ କ୍ରନ୍ଦନ କରେ ଅତୁଳେ,
ଶୁଣୁ ଯଦି ସେହି କ୍ରନ୍ଦନ ରୋଳ,
ତତକ୍ଷଣେ ଯାଇ କରିବୁ କୋଳ,
ଦେବୁ କ୍ଷୀର ପାନ,
ବୁଝିବୁ ତହୁଁ ସେ କଲେ କ୍ରନ୍ଦନ । ୯୬ ।

ଶିଶୁ ଦେହ ସୁମନ ସୁକୁମାର
ଶେଯେ ଭାର ଦେବୁ ନାହିଁ ପରର,
ଗଜସ୍ତି ବ୍ୟଥା ସୁମନ୍ତାନ ଅଙ୍ଗେ,
ଉପୁଜେ ଏହା ମୁଁ କହେ ତୋ ଆଗେ,
ବିଛଣା ଯତନେ,
ବିଛାଇ ଶୁଆଇବୁ ମା ସନ୍ତାନେ । ୯୭ ।

ଅଳତା ବାଛୁରୀ ଛାପି ଅନାଶି,
ଗନ୍ଧୁରୀ ଖୁଦୁରୀ ହେଲେ ଯାକୁସୀ,
ଯେଉଁ ରୋଗକୁ ଯେ ଔଷଧ ଲୋଡ଼ି,
ଦେବୁଟି ସନ୍ତାନେ ମୂର୍ଚ୍ଛି କଉଡ଼ି ।
ଘୋରି ଘୋରି ଆଦି
ରଖିବୁ ପୂରୁବୁ ଏହା ସମ୍ବାଦ । ୯୮ ।

ଭୂ ପଟେ ଶୟନ ଅପତ୍ୟ ଗଣେ,
ନ ଦେବୁ ମାଆ ଗୋ କେବେହେଁ କ୍ଷଣେ,
ପ୍ରତି ଶନିବାରେ ପୂଟେକି ସ୍ନାହାନ,
ବୁଧରେ କନ୍ୟାରେ କରି ସନ୍ଧାନ,
ଅଚରିବୁ ଧନ,
ଘୋରି ଘୋରି ମୂର୍ଚ୍ଛି କରାଇ ପାନ । ୯୯ ।

ତେଲ ହଳଦୀ ନିୟମିତ କାଳେ,
ଦେଉ ଥିବୁ ହେଳା ନ କରି ଢ଼ାଳେ,
ଶିଶୁ ଦେହ ସଦା ନିର୍ମଳ ରଖି,
ଘୃତ ଦାନ ନେଉଥିବୁ ପରଖି,
ସମ୍ପତ୍ତିରୁ ବଳି,
ପାଳନ କରିବୁ ଶିଶୁ ସଙ୍ଗାଳି । ୧୦୦ ।

କେବେ କେଉଁ ସାହି ପଡ଼ୋଶୀ ସ୍ତିରୀ,
ଅସ୍ପୃଶ୍ୟ ସନ୍ତାନ କରିବା ହେରି,
ସନ୍ତାନେ ଅତି ଯତନେ ସେ ଦିନ,
ରଖିବୁ ନଦେଇ ତାଙ୍କ ଦର୍ଶନ,
ମୁଖ ଚୁହାଁ ଦେଲେ,
ସନ୍ତାନ ଜୀବନ ଯାଏଟି ହେଲେ । ୧୦୧ ।

ଅପୂର୍ଣ୍ଣ ବର୍ଷ ମଧ୍ୟେ କନ୍ୟା ପୁତ୍ରେ,
ପର ପ୍ରସୂତ ସ୍ତ୍ରୀଙ୍କ ଛାୟା ଗାତ୍ରେ,
ନ ପକାଇ ମାଗୋ କୌଶଳେ ଯିବୁ,
ଯଦି ଛାୟା ପଡ଼େ ଏହା ପାଳିବୁ,
ସୂତ ସଙ୍ଗେ ସୂତ,
ମିଳାଇଲେ ଦୋଷ ଯାଏ ତୁରିତ । ୧୦୨ ।

ଥାଉ ଥାଉ କୋଳେ ଶିଶୁ ସନ୍ତାନ,
ଦୈବେ ଗର୍ଭ ବାସ ହୋଇଲେ ପୁଣି,
ନ ଦେବୁ ସନ୍ତାନେ ତୋ ସ୍ତନୁ କ୍ଷୀର,
ସେ କ୍ଷୀର ପିଲଙ୍କୁ କରେ ଅସାର,
ନାନା ରୋଗେ ପଡେ,
ଶେଷେ ଦୁଃଖେ ପ୍ରାଣ ଯାଏ ଅଣାଡ଼େ । ୧୦୩ ।

ପ୍ରସୂତ ହେବା ପୂର୍ବେ କିବା ପରେ,
ଯଦି କେଉଁ ବ୍ୟାଧି ତୋର ଦେହରେ,
ଜନ୍ମି ଥାଏ ମାଗୋ ପୁତ୍ର କନ୍ୟାରେ,
ନିଜ ସ୍ତନ କ୍ଷୀର ନ ଦେବୁ ବାରେ,
କହୁଛି ମୁ ଯାହା,
ଆଚରବୁ ମାଗୋ ସନ୍ତାନେ ତାହା । ୧୦୪ ।

ଅଶୋଇବା କାଳ ହେଲେ ସନ୍ତାନେ,
ଅନ୍ନ କିବା ଶଷ ଦାଳବ ସ୍ଥାନେ,
ଛାଡି ଅଚିନ୍ତା ମା ନୋହିବୁ ତୁହି,
ବାରେ ବାରେ ତୋତେ କହୁଛି ମୁହିଁ,
ଏ ନୀତି ବସ୍ତୁତ,
ଶତଶିଶୁଙ୍କର ଜୀବନେ ମର ।୧୦୫।

ନିଜ ଦୃଷ୍ଟିରୁ କେବେହେଁ ଅନ୍ତର,
ପୁତ୍ର କନ୍ୟା ଗଣେ ନ କର ତୋର,
ଦାସ ଦାସୀ କୋଳେ ଦେଇ ଅଚିନ୍ତା,
ନ ହେବୁ ତହିଁରେ ଅଶେଷ ଚିନ୍ତା,
ରଖି ହିତ ଧନ,
ପାଳି ନେବୁ ସୁରକ୍ଷି ଶିଶୁ ପରାଣ ।୧୦୬।

ନିୟମିତ କାଳେ ନିଦ୍ରା ଆହାର,
ନିତ୍ୟ କରାଇବୁ ସନ୍ତାନେ ତୋର,
ଏଣୁ ତେଣୁ କିଛୁ ଲୋଭରେ ପଡି,
ଖୁଆଇବୁ ନାହିଁ ରୋଗଟି ଲୋଡି,
ଆସେ ଶିଶୁ କାୟେ,
ବୈଦ୍ୟ ସମେ ପାଳ ସନ୍ତାନ ତୟେ । ୧୦୭

ଦଶମାସ କାଳ ଗରଭେ ଥାଇ,
ତହିଁ ଯେ ବାଧା ସନ୍ତାନ ଦଅଇ,
ତହୁଁ ଶତ ଗୁଣେ ପାଳନ ବ୍ୟଥା,
ଉଦ୍ୟାନ ପ୍ରତି ମାଳୀର ଯେ ଚିନ୍ତା,
ବୃକ୍ଷ ପାଳନରୁ,
ସନ୍ତାନ ପାଳନ ଅଧିକ ଗୁରୁ । ୧୦୮ ।

## ଶିଶୁ ଶିକ୍ଷା ।

କିନ୍ତୁ ଜୀବନ ଚଞ୍ଚଳ ଅଟେ,
ଯେଉଁ ମାଆଙ୍କେ ଶିଶୁଙ୍କ ପଟେ,
ଯେ ଶିକ୍ଷା ଦେଇବୁ ସନ୍ତାନେ ମାନ,
ଜୀବନେ ଯାକ ସେ ତାହା ଭୁଞ୍ଜିବ,
ଏଣୁ ହେ ମାତାମାନେ,
ଦେଇବ ସୁଶିକ୍ଷା ଦେଇ ସଯତନେ । ୧୦୯ ।

କହିବ ସନ୍ତାନେ କୋଳେ ବସାଇ,
ଦେଖାଇ ଦେବଙ୍କ ମହିମା କହି,
ଦେଖି ପ୍ରାଣ ତାଙ୍କ ମନେ ଭରସ
ରହିବ ଦେହେଣି ନୀତି ଶାସ୍ତ୍ରରେ ଆଶ,
ନୀରତି ବହୁଳ
ପବିତ୍ର ଭାବାଙ୍କ ମନେ ଭରିବ । ୧୧୦ ।

ଦେହର ଚକ୍ଷରେ ମୁଖ ଉପରେ ରେଖା,
ନ ... ପୁଣି କି କିଛି ଦେଖା,
ଦ ... ମଧୁର ଯାହା ଦେଖା ଥାଇ,
ଚୋରି ... କି ଶିଖ୍ୟ ଭୂମି,
ଯାହାରୁ ଦେଖି,
ଦେହିକ ଶେଷେ ଦେଖୁ ଅନ୍ଧକା । ୧୧୧

ପିତା ମାତା ଆଦି ଗୁରୁ ଜନରେ,
ଭକ୍ତି ଯେପରେ ସଦା ରହେ ହୃଦରେ,
ତେସନ ଉପଦେଶ ନିତ ଦେବୁ,
ଅଶ୍ଲୀଳ ଭାଷା କୁହା ଛଡାଇବୁ,
ମଧୁର ଭାଷାରେ,
କଥା ନିତ ଆଚରିବୁ ଗୃହରେ । ୧୧୨ ।

ଯେସନ ତୋହର ସନ୍ତାନଗଣ,
କହିବେ ସର୍ବଦା ସତ୍ୟ ବଚନ,
ତେସନ ସତ୍‌ଶିକ୍ଷା ଗୃହେ ବହିବୁ,
ଯଦି ମିଥ୍ୟା କହେ ତା ଶାସ୍ତି ଦେବୁ,
ମିଥ୍ୟା ଭାଷିଗଣେ,
ତଳେ ସଙ୍ଗ ନ ଦେବୁ ମା ସନ୍ତାନେ । ୧୧୩ ।

ଦୁଷ୍ଟଜନ ଜବା ଚୋର ବାଳକ,
ସଙ୍ଗେ ତୋ ସନ୍ତାନେ କେବେ ତିଳେକ,
ମିଳାଇବୁ ନାହିଁ କହୁଛି ତୋତେ,
ସଙ୍ଗରୁ ଦୋଷ ଗୋ ଆସେ ନିରତେ,
ଯେମନ୍ତ ସଙ୍ଗରେ,
ତେମନ୍ତ ଶିକ୍ଷା ଗୋ ବଢ଼େ ମନରେ । ୧୧୪ ।

ସ୍ୱାର୍ଥପର ଦ୍ୱେଷ କୁଟିଳ ବୁଦ୍ଧି,
ଅହଂକାର ଆତ୍ମ ବଡ଼ିମା ଆଦି,
ଶୈଶବୁ ସନ୍ତାନେ ଛଳେ ବୋଧାଇ,
ନାନା ଯତ୍ନେ ଏହା ଦେବୁ ଛଡ଼ାଇ,
ନିଷ୍ଠୁରତା ଭାବ,
ଛଡ଼ାଇ ଦେଖିବୁ ନିତ୍ୟ ସୁଲ୍ଲଭ ! ୧୧୫ ।

ଅମାନ୍ୟତା କରା ନଷ୍ଟ ସ୍ୱଭାବ,
ଅନାଗ୍ରହ ଆଦ ଯେ ମନ୍ଦ ଥିବ,
ବେଳସୁ ମାଆ ଗୋ ଛଡ଼ାଇ ନେବୁ,
ହେଲା କଲେ ଭାବ ନିନ୍ଦା ଲଭିବୁ,
ଘଟକର ଘଟ,
ସମେ ସାଧି ନେବୁ ଶୈଶବ ବାଟ । ୧୧୬ ।

ଶିଶୁ କାଳୁ ନାନା ବେଶ ଭୂଷାରେ,
ଲାଳାଇତ ସନ୍ତାନରେ ଆଦରେ,
ନ କରିବୁ ମାଟୋ କହୁଛୁ ତୋତେ,
ଅଥବା ବିଳାସ ବାସେ କାହିଁତେ,
ବସାଇ ନ ଦେବୁ,
ବଷ ପ୍ରାପ୍ତେ ଏଥି ପ୍ରତ ଦେଖିବୁ । ୧୧୭ ।

ଶିଶୁ କାଳୁ ରଖି ଲଳନା ପ୍ରୀତି,
ସନ୍ତାନେ ବଶ୍ୟ ନକର ପ୍ରକୃତି,
ଯଦି ହୁଏ କେହି ପ୍ରକୃତି ବଶ୍ୟ,
କ୍ରମେ ଯତ୍ନେ ତାହା କରିବୁ ନାଶ,
ନ କରିବୁ ହେଳା,
ବୃଦ୍ଧିରେ ଦୁର୍ବଳ କର୍ତ୍ତବ୍ୟ ଭେଳା । ୧୧୮ ।

କୁକୁଡ଼େ ଡାକିବା ସମୟୁ ହେରି,
ପୁତ୍ର କନ୍ୟା ଗଣେ ନିତ୍ୟ ତୋହରି,
ଉଠାଇ ଶଯ୍ୟାରୁ ଈଶ୍ୱର ସ୍ତୁତି,
ପଢ଼ି ପଢ଼ାଇବୁ ମାଆ ଗୋ ନିତି,
ତହୁଁ ବିଦ୍ୟାଶିକ୍ଷା,
ଦେଉଥିବୁ ସଦା କର ଏ ଦୀକ୍ଷା । ୧୧୯ ।

ଧ୍ରୁବ ପ୍ରହଲ୍ଲାଦୁ ଦୃଢ଼ ବିଶ୍ୱାସ,
ଶ୍ରୀରାମ ଚନ୍ଦ୍ରଙ୍କ ସତ୍ୟ ପୌରୁଷ,
ସୌମିତ୍ରିଙ୍କର ଭ୍ରାତୃ ଭକତି,
ଯୁଧିଷ୍ଠିରଙ୍କର ଧରମ ନୀତି,
କହି ଏ ବିଷୟ,
ବୁଝାଇ କରିବୁ ଜ୍ଞାନ ଉଦୟ । ୧୨୦ ।

ଯେଉଁ ଶିକ୍ଷା ତୋତେ ଆବାଲ୍ୟ ଦେଲି
ସେହି ଶିକ୍ଷା ତୋର କନ୍ୟାରେ ପାଳି,
ନେବୁ ମାଗୋ ତୋତେ ଏତେ କହୁଛି,
ଅବହେଳା ତହିଁ ନ କର କିଛି,
ଦାନ ହରନେବୁ,
ଉତ୍ତମ ମାତାରେ ପୂଜ୍ୟା ହୋଇବୁ ।୧୨୧।

ଦଶ ବର୍ଷେ କନ୍ୟା ବିଦ୍ୟା ପଠନ,
ତଦ୍ଧ୍ୱେ ଦଶେ ଗୃହ କାର୍ଯ୍ୟ ବିଧାନ,
ଶୋଡ଼ଷେ ସାରିବୁ ରନ୍ଧନ ଶିକ୍ଷା,
ମଧ୍ୟେ ମଧ୍ୟେ କରି ତାର ପରୀକ୍ଷା,
ତ୍ରୁଟିଥିଲେ କାହିଁ,
ତ୍ରୁଟି ସଂଶୋଧନ କରିବୁ ତୁହି । ୧୨୨ ।

ମାତା ନୀତି ଭାବ ମନରେ ଥୋଇ,
ତହୁଁ ଭାଗ୍ୟଲତା ସନ୍ତୁଷ୍ଟ ହୋଇ,
ଜୁହାରି ଜନନୀ ପଦ ଯୁଗଳେ,
କହେ ସେ ମାତାଙ୍କୁ ତହୁଁ ବିକଳେ,
"ମାଆ ବୋଲି ସିନା,
କହିଲୁ ତୁ ଏତେ ହୃଦ ଭାବନା" । ୧୨୩ ।

ସ୍ୱର୍ଣ୍ଣ ଚୁଡ଼ୀ ହେଉ ବଜ୍ର ନିଘାଟ,
ସିନ୍ଦୁର ସଦା ମନ୍ତ୍ର ତୋ ଲଲାଟ,
ଅଞ୍ଜନ ବୋଲେ ନେତ୍ର ସଦାପୂରୁ,
ଅଲତାରେ ହେଉ ପଯୁର ଗୁରୁ
ପତି ପୁନି ସଙ୍ଗେ,
ତୋ ଧନ ସବୁ ମା କୌତୁକ ରଙ୍ଗେ । ୧୨୪ ।

ବାଳିକା ଯୁବତୀ ଏକତ୍ର ହୋଇ,
ସାଧ୍ୱୀ ଗୀତଫଳ ଲୁଟିବା ପାଇଁ,
ପ୍ରବେଶି ଏ ଭାଗ୍ୟଲତା ଉଦ୍ୟାନେ,
ଏଥୁ ପତ୍ର ଖଣ୍ଡି ନ ଛାଡ଼ି ଯଣେ,
ସବୁ ହରି ନିଅ,
ମାଏ ଏ ଫଳେ ଭାଗ୍ୟବତୀ ହୁଅ । ୧୨୫ ।

ସମାପ୍ତ !

# ଭାଗ୍ୟଲତାରେ

## ବ୍ୟବହୃତ ହୋଇଥିବା କଠିନ ଶବ୍ଦମାନଙ୍କର ଅର୍ଥ ।

୧ ପଦ

ବସତି — ବାସସ୍ଥାନ ।

ଦମ୍ପତି — ପତିପତ୍ନୀ ।

ଅନପତ୍ୟ — ସନ୍ତାନହୀନ ।

୨ ପଦ

ବିଧି — ବିଧାତା ।

ବିଧାନ — ନିୟମ ।

ହୃଷ୍ଟ — ଆନନ୍ଦ ।

୩ ପଦ

ଗଣକ — ଗଣନାକାରୀ ।

ସୁସିଦ୍ଧି — ଉତ୍ତମ ସୁଫଳତା ।

୪ ପଦ

ବାଲା — ନାୟିକା ।

ସଙ୍ଗିନୀ — ସହଚାରିଣୀ ।

ଉତ୍ତମା — ଶ୍ରେଷ୍ଠା ।

ଆଖ୍ୟା — ନାମ ।

୫ ପଦ

ବିତି — ଯାପି ।

ପରିଣୟ — ବିବାହ ।

ସାନନ୍ଦ — ଆନନ୍ଦ ।

ବିବିଧ — ନାନାପ୍ରକାର ।

୬ ପଦ

ବିଦାୟ — ମେଲାଣି ।

ସମ୍ବୋଧି — ସମ୍ବୋଧନ କରି, [ ବା ଆହ୍ୱାନ ।

ଆଲିଙ୍ଗି — ଆଲିଙ୍ଗନ କରି ।

୯ ପଦ

କୃତାର୍ଥ — କୃତକାର୍ଯ୍ୟ ।

ପୂତ — ପବିତ୍ର ।

ସନ୍ତାପ — ଦୁଃଖ ।

୧୦ ପଦ

ଚତୁରଧାମ = ପୂର୍ବେ = ଜଗନ୍ନାଥ ।

ପଶ୍ଚିମେ — ଦ୍ୱାରକାନାଥ ।

ଦକ୍ଷିଣେ — ରାମନାଥ ।

ଉତ୍ତରେ — ବଦ୍ରୀନାଥ ।

ପାପିନୀ — ପାତକିନୀ ସ୍ତ୍ରୀ ।

୧୧ ପଦ

ଶିରୋଧାର୍ଯ୍ୟ — ମଥାରେ [ ଧାରଣୀୟ ।

୧୨ ପଦ

ରୋଗଗ୍ରସ୍ତ — ରୋଗଦ୍ୱାରା [ ଆକ୍ରାନ୍ତ ।

ପ୍ରଣୟ — ପ୍ରୀତି ।

୧୩ ପଦ

ସରିତ — ନଦୀ ।

୧୪ ପଦ

ଦୁର୍ଜ୍ଜନ—ଦୁଷ୍ଟ ।

କୁହୁକ—ଇନ୍ଦ୍ରଜାଲ ।

କୁପଥ—ବିପଦ ।

୧୫ ପଦ

ଅସତ୍—ଅସାଧୁ ।

୧୬ ପଦ

ଫାନ୍ଦ—ଫାଶ ।

ବିଚ୍ଛିନ୍ନ—ବିଭିନ୍ନ ।

ଭବନ—ଗୃହ ।

୧୭ ପଦ

ଅଶ୍ଳୀଳ —ଅଭଦ୍ର ।

ଗରଳ—ବିଷ ।

ଉଗାର—ଉଦ୍ଗାର ।

୧୮ ପଦ

କର୍କଶ—କଠିନ ।

୧୯ ପଦ

ପ୍ରଭୁତ୍ୱ—ଅଧିକାର ।

କିଙ୍କର—ଗୃକର ।

୨୦ ପଦ

ପେୟ— ପାନୀୟ ପଦାର୍ଥ ।

୨୧ ପଦ

ପଥିକ—ବାଟୋଇ ।

୨୨ ପଦ

ବିଷଣ୍ଣ—ମ୍ଳାନ ।

ସନ୍ନିଧାନ—ସମିପ୍ୟ ।

୨୩ ପଦ

ମନ୍ତ୍ରୋପଦେଷ୍ଟା—କର୍ଣ୍ଣଗୁରୁ ।

ଦ୍ରବି — ମକ୍ଷି ।

ନିରତ—ଅନୁକ୍ଷଣ ।

ନୀତ—ନମ୍ର ।

୨୪ ପଦ

ତତ୍ପର—ସଚେଷ୍ଟ ।

ଘନ — ମେଘ ।

୨୫ ପଦ

ସହାସ୍ୟ — ପ୍ରେମ ।

ଆସ୍ୟ — ମୁଖ ।

ସମ୍ଭାଷଣ — ଆଳାପ ।

କଷଣ—ଦୁଃଖ ।

୨୬ ପଦ

ବିଖ୍ୟାତ—ପ୍ରକାଶ ।

୨୭ ପଦ

ପ୍ରତ୍ୟକ୍ଷ—ଚକ୍ଷୁ ଗୋଚର ।

ଅବାରଣ—ଉଦ୍ଧାର ନ ହେବା

ଶିକ୍ଷାଦାତ୍ରୀ—ସ୍ତ୍ରୀ ଶିକ୍ଷକ ।

ବିଷାଦ—ଦୁଃଖ ।

ତମ—ଅନ୍ଧାର ।

୨୮ ପଦ

ସ୍ଫିତ—ଫୁଲିବା ।

ସୁମନ—ଫୁଲ ।

୨୯ ପଦ

କୁଳିଶ—ବଜ୍ର ।

୩୦ ପଦ

ବିଦ୍ୱାନ—ଗୁଣବାନ ।

ଯାମିନୀ—ରାତ୍ରି ।

୩୧ ପଦ

ପ୍ରକୃତି—ସ୍ୱଭାବ ।

ଐଶ୍ୱର୍ଯ୍ୟ—ବିଭବ ।

୩୨ ପଦ

ସଂକଳ୍ପ—ପ୍ରତିଜ୍ଞାକର ।

୩୩ ପଦ

କୁଟ—ସମୂହ ।

ବିକୃତ—ଅସୁନ୍ଦର ।

ଅଭୂଷିତ—ଭୂଷଣହୀନ ।

ତଟ—ପାର୍ଶ୍ୱ ।

ଶିବା—ଦୁର୍ଗା ।

୩୪ ପଦ

ଭାବି—ଭବିଷ୍ୟତ୍ ।

୩୫ ପଦ

କରୀ—ହସ୍ତୀ ।

୩୬ ପଦ

ଉଦକ—ଜଳ ।

ଅସନ—ଭୋଜନ ।

୩୭ ପଦ

ଆଗୁସାର—ଅଗ୍ରସର ।

୩୮ ପଦ

ଅଜ୍ଞାତ—ଅଗୋଚର ।

୩୯ ପଦ

ବିରାଗୀ—ବୈରାଗ୍ୟଯୁକ୍ତ

୪୦ ପଦ

ବିଶ୍ରାମ—ଶ୍ରମଦ୍ୱରବା ।

କର୍ତ୍ତବ୍ୟ—କରଣୀୟ ।

୪୧ ପଦ

କ୍ରୂର—ନିର୍ଦ୍ଦୟ ।

କୁଟିଳ—କପଟଯୁକ୍ତ ।

ଭର୍ଗ—ଘଣ୍ଡ ।

ଉଦାସ—ସଂସାର ତ୍ୟାଗୀ ।

ସଲିଳ—ଜଳ ।

ସୌଭାଗ୍ୟ—ସୁଦଶା ।

୪୨ ପଦ

ଗୋପନ—ଲୁଗୁଇବା ।

ଶ୍ରୁତି—କର୍ଣ୍ଣ ।

୪୩ ପଦ

ଧରିତ୍ରୀ—ପୃଥ୍ୱୀ ।

ସଚିବ—ମନ୍ତ୍ରୀ ।

ଭବ—ସଂସାର ।

୪୪ ପଦ

ସମ୍ମାନ—ସମାଦର ।

୪୫ ପଦ

ଦ୍ୱେଷ — ଈର୍ଷା ।

ନୀର — ଜଳ ।

୪୬ ପଦ

ବିକଳ୍ପ — ସନ୍ଦେହ ।

ସୌମିତ୍ରୀ — ( ସୁମିତ୍ରା ପୁତ୍ର )
[ ଲକ୍ଷ୍ମଣ ।

ପାଞ୍ଚାଳି — ପାଞ୍ଚାଳକନ୍ୟା,
[ ଦ୍ରୌପଦୀ ।

୪୭ ପଦ

ସୁ-ନାରୀ — ଉତ୍ତମ ସ୍ତ୍ରୀ ।

୪୮ ପଦ

ଭଗାରୁଣୀ — ସ୍ତ୍ରୀ ଶତ୍ରୁ ।

ଦ୍ୱନ୍ଦ — କଳହ ।

୪୯ ପଦ

ଅହି — ସର୍ପ ।

ପ୍ରମାଦ — ଭ୍ରମ ।

ମେଣ୍ଟାଇ — ଖଣ୍ଡନକରି ।

୫୦ ପଦ

ଅତିଥି — ଅଭ୍ୟାଗତ ।

୫୧ ପଦ

ପ୍ରଭାତ — ସକାଳ ।

୫୨ ପଦ

ବିବେକୀ — ଚତୁର ।

ପତିବ୍ରତା — ପତିଭକ୍ତା ।

ଶିରୀ — ଶୋଭା ।

ଚୋଖି — ସୁନ୍ଦର ।

୫୩ ପଦ

ଅପାର — ପାର ନ ହେବା ।

ସାଗର — ସମୁଦ୍ର ।

ଶ୍ୱଶ୍ରୁର — ଶାଶୁ ।

କୂଳ — ତୀର ।

ଖାତା — ଲେଖିବା ବହି ।

୫୪ ପଦ

ଝରଇ — ସ୍ରବଇ ।

୫୫ ପଦ

ପରଶ୍ରୀକାତର — ଯେ ପରର ସୁଖ
ଦେଖି ସହି ପାରେନାହିଁ ।

ଅନଳ — ନିଆଁ ।

୫୬ ପଦ

ପିପିଲିକା — ପିମ୍ପୁଡି ।

ଶ୍ୱାନ — କୁକୁର ।

୫୭ ପଦ

କୁତ୍ସିତ — କଦର୍ଯ୍ୟ ।

୫୯ ପଦ

ଗମ୍ଭୀର — ଉଦାର ।

ସାଗର — ସମୁଦ୍ର ।

ଭାନୁ — ସୂର୍ଯ୍ୟ ।

ବିଦ୍ୟୁ — ବିଜୁଳି ।

୬୧ ପଦ

ଭୂଷଣ—ଅଳଙ୍କାର ।

ଦୂଷଣ—ଦୋଷ ।

ସନ୍ତାପ—ଦୁଃଖ ।

୬୩ ପଦ

ଅରି—ଶତ୍ରୁ ।

କାମ—କାମନା ।

କ୍ରୋଧ—କୋପ ।

ମୋହ—ଅଜ୍ଞାନ ।

ମଦ—ଗର୍ବ ।

୬୪ ପଦ

ସୃଷ୍ଟି—ସର୍ଜନା ।

୬୫ ପଦ

କଳଙ୍କ—ଅପଯଶ ।

ଅବଳା—ନାରୀ ।

ସରଳା—ନାରୀ ।

୬୬ ପଦ

ହେଉଟବା—ଗୃହଁବା ।

୬୭ ପଦ

ବିନମ୍ର—ବିନୟୀ ।

୬୮ ପଦ

ଭୂଷଣ—ଅଳଙ୍କାର ।

କବରୀ—ଜୁଡ଼ା ।

୬୯ ପଦ

ଛିଦ୍ର—ଦୋଷ ।

କଳଙ୍କୀ—ଦୁର୍ନାମ ଅଛି ଯାହାର

ମୃଗତୃଷ୍ଣା—ପ୍ରଖର ସୂର୍ଯ୍ୟକିର-
ଣରେ ୟୁରରେ ଜଳ ଭ୍ରମ ।

ଶଶ—ଠେକୁଆ ।

୭୦ ପଦ

ନବାଶ୍ରୁ—ଅଶ୍ରୁସ୍ନାନ ।

ଅଜ୍ଞାତ—ଅଜଣା ।

୭୧ ପଦ

ଧାନ୍ୟ—ଧାନ ।

ତଳପ—ଶେଜ ।

୭୩ ପଦ

ଆମୂଳ—ମୂଳରୁ ।

କଳି—କଳନା କରି ।

ଯାଚନା—ଇଚ୍ଛା ।

ସୁଦ୍ଧୁର—ସେହ୍ନଯଣି ।

୭୪ ପଦ

ସନ୍ତାପ—ଦୁଃଖ ।

୭୫ ପଦ

ବଇଦେହୀ—ସୀତା ।

ଭବନ—ଗୃହ ।

୭୬ ପଦ

ସମ୍ପଦ—ଧନ ।

ଅମିୟ—ଅମୃତ ।

ମୋଦ—ଆନନ୍ଦ ।

୭୮ ପଦ

ଅନ୍ତର୍ହିତ—ଲୁଚିରହିବା ।

ଦୀନା—ଦରିଦ୍ରାଣୀ ।

୭୯ ପଦ

ଘୋର—ଭୟଙ୍କର ।

ନିବିଡ଼—ଘନ ।

ଅରଣ୍ୟ—ବନ ।

ବିବେକ—ଉତ୍ତମ ବିବେଚନା ।

୮୧ ପଦ

ଯଶ—ସୁଖ୍ୟାତି ।

୮୨ ପଦ

ନୀତି—ନ୍ୟାୟ ।

ସଂକ୍ଷେପ—ଅଳ୍ପୀକରଣ ।

କୁମ୍ଭୀପାକ—ନରକ ବିଶେଷ ।

୮୩ ପଦ

ଦ୍ୱେଷ—ଈର୍ଷା ।

ଉତ୍ପନ୍ନ—ଜାତ ।

ବର୍ଜନ—ତ୍ୟାଗ ।

୮୪ ପଦ

କୁସୁମ—ଫୁଲ ।

ସ୍ପର୍ଶ—ଛୁଇଁବା ।

୮୫ ପଦ

ପରିଧାନ—ପିନ୍ଧିବା ।

ଗ୍ରହଣ—ଘେନିବାର ।

ଗର୍ଭବତୀ—ଗର୍ଭିଣୀ ।

୮୬ ପଦ

ଟିପିଲିକା—ପିମ୍ପୁଡ଼ି ।

କୀଟ—ପୋକ ।

ଦୂଷିତ—ଦୋଷଯୁକ୍ତ ।

ଅସ୍ପୃଶ୍ୟ—ସ୍ପର୍ଶର ଅଯୋଗ୍ୟ ।

ରଜସ୍ୱଲା—ଋତୁମତୀ ।

୮୭ ପଦ

ବୁଧ—ପଣ୍ଡିତ ।

୮୮ ପଦ

ନାରିକେଳ—ନଡ଼ିଆ ।

ତିଳ—ରାଶି ।

କଷଣ—ଦୁଃଖ ।

୮୯ ପଦ

ପେଣ୍ଡୁରି—ବନ୍ୟଜାତ ଫଳ ବିଶେଷ ।

୯୦ ପଦ

ତିକ୍ତ—ପିତା ।

କଟୁ—କଡୁଆ ।

୯୧ ପଦ

କେଶ—ବାଳ ।

ବିଭୂଷା—ବିଶେଷରେ ଭୂଷଣ ଦେବା ।

ବାରୁଣୀ—ପଶ୍ଚିମ ଦିଗ ।

ଅନାବୃତ—ଖୋଲା ।

୯୩ ପଦ

ରୋଦନ—କ୍ରନ୍ଦନ ।

ଅପଘନ—ଦେହ ।

ସରୋଜ—ପଦ୍ମ ।

୯୪ ପଦ

ଅପତ୍ୟ — ପୁତ୍ରକନ୍ୟା ।

୯୫ ପଦ

ଅର୍ପଣ — ସମର୍ପଣ ।

୯୬ ପଦ

ରୋଳ — ଅବ୍ୟକ୍ତ ଶବ୍ଦ ।

୯୭ ପଦ

ସୁମନ — ଫୁଲ ।

ଗଳସ୍ତ — (ଶିଶୁ ଦେହ ବ୍ୟଥା) ରୋଗ ବିଶେଷ ।

ଉପୁଜେ — ଜାତ ହୁଏ ।

ହିକ୍କଣା — ଶୋଷ ।

୯୮ ପଦ

ଖୁଦୁସ୍ତ — ବାତ ବାନ୍ତି ରୋଗ ।

ଅଳଚ୍ଛ — ବ୍ରଣ ବିଶେଷ ।

ବାଛୁଲି — ଝାଡ଼ା ରୋଗ ।

ଝୁପି — ମୁଖରୋଗ ।

ଅନାଶ୍ୟ — କଫ ରୋଗ ।

୧୦୦ ପଦ

ସଙ୍ଗାଳି — ସର୍ବସ୍ୱ ଧନ ।

୧୦୧ ପଦ

ଅସ୍ପୃଶ୍ୟ — ଛୁଇଁବା ଅଯୋଗ୍ୟ ।

ମୁଖରୁନ୍ଧା — ଶିଶୁ ରୋଗବିଶେଷ ।

୧୦୨ ପଦ

ପ୍ରସୂତି — ନବସନ୍ତାନବତୀ ।

ଗାତ୍ର — ଦେହ ।

୧୦୩ ପଦ

ସୂକ୍ଷ୍ମ — ସରୁ ।

୧୦୫ ପଦ

ବିସ୍ମୃତ — ପାସୋର ।

୧୦୭ ପଦ

କାୟ — ଦେହ ।

ବେଦ୍ୟା — ଚକଣ୍ଡିକା ।

ତପ୍ତ — ସନ୍ତପ୍ତ ।

୧୦୮ ପଦ

ଉଦ୍ୟାନ — ବନ ।

ଗରୁ — ଭାର ।

୧୦୯ ପଦ

ମତି — ମନ ।

ଶୈଶବ — ଶିଶୁକାଳ ।

ସଦନ — ଗୃହ ।

୧୧୦ ପଦ

ବିଶ୍ରାମ — ଶ୍ରମହରବା ।

ହର୍ଷ — ଆନନ୍ଦ ।

ରଞ୍ଜାଇବା — ସନ୍ତୋଷ କରାଇବା

୧୧୧ ପଦ

ସରଳ — ସିଧା ।

ବୃତ୍ତ — ଚକ୍ରାକାର ରେଖା ।

ମୌଖିକ — ମୁଖସମ୍ବନ୍ଧୀୟ ।

୧୧୨ ପଦ

ଅଶ୍ଳୀଳ — ଅଭଦ୍ର ।

୧୧୩ ପଦ

ସର୍ବଦା — ସଦାବେଳେ ।

ସତ୍ପାତ୍ର—ସାଧୁ ।

ଶାସ୍ତି—ଦଣ୍ଡ ।

୧୧୪ ପଦ

ଦୁଷ୍କରଣ—ମନ୍ଦଆଚରଣ ।

୧୧୫ ପଦ

ସ୍ୱାର୍ଥପର—ନିଜ ପ୍ରୟୋଜନ ସାଧନରେ ତତ୍ପର, ପର ପ୍ରୟୋଜନ ପ୍ରତି ଉପେକ୍ଷା କାରୀ ।

ଦ୍ୱେଷ—ଶତ୍ରୁତା ।

କୁଟିଳ—କପଟ ଯୁକ୍ତ ।

ଅହଂକାର—ଗର୍ବ ।

ଆତ୍ମବଡ଼ିମା—ନିଜକୁ ନିଜେ ପ୍ରଶଂସା କରିବା ।

ନିଷ୍ଠୁର—ନିର୍ଦ୍ଦୟ ।

୧୧୬ ପଦ

ଭାବି—ଭବିଷ୍ୟତ୍ ।

ଘଟକର—କୁମ୍ଭାର ।

୧୧୭ ପଦ

ବିଳାସ—ଆମୋଦ ପ୍ରମୋଦ ।

୧୧୮ ପଦ

ଲାଳନ—ସସ୍ନେହ ପାଳନ ।

ପ୍ରକୃତି—ସ୍ୱଭାବ ।

୧୧୯ ପଦ

କୁକ୍କୁଟ—କୁକୁଡ଼ା ।

ସ୍ତୁତି—ସ୍ତବ ।

ଶିକ୍ଷା—ଉପଦେଶ ।

ଦୃଢ଼—ସ୍ଥିର, କଠିନ ।

ପୌରୁଷ—ପରାକ୍ରମ ।

ସୌମିତ୍ରି—( ସୁମିତ୍ରାପୁତ୍ର ) ଲକ୍ଷ୍ମଣ ।

୧୨୦ ପଦ

ଆବାଲ୍ୟ—ବାଲ୍ୟକାଳରୁ ।

୧୨୧ ପଦ

ତ୍ରୟୋଦଶ—ତେର ।

ଷୋଡ଼ଶ—ଷୋହଳ ।

ତ୍ରୁଟି—ହେଳା ।

ସଂଶୋଧନ—ଶୁଦ୍ଧ କରଣ ।

୧୨୨ ପଦ

ସନ୍ତୁଷ୍ଟ—ତୃପ୍ତ ।

୧୨୪ ପଦ

ସ୍ୱର୍ଣ୍ଣ—ସୁନା ।

ଚୂଡ଼ୀ—କରଭୂଷଣ ବିଶେଷ ।

ନିଷ୍ଠ—କଠିନ ।

ଅଞ୍ଜନ—ନେତ୍ର କଳା ।

ଚାରୁ—ସୁନ୍ଦର ।

୧୨୫ ପଦ

ଏକତ୍ୱ—ଅଭେଦ ।

ସାଧ୍ୱୀ—ସତୀ ।

ଉଦ୍ୟାନ—ଉପବନ ।

ଭାଗ୍ୟବତୀ—ସୌଭାଗ୍ୟ ଶାଳିନୀ